ଚିଠି

ଶ୍ରୀ ଲକ୍ଷ୍ମୀନାରାୟଣ ସାହୁ ଏମ୍. ଏ.

Digitized by srujan ka@gmail.com

ଚିଠି

ଦେଉଳ ସାହି, କଟକ
୧୨-୭-୧୯୫୩
ସକାଳ ୬ଟା

ସ୍ନେହର୍—

କାଲି ଭୋରେ [illegible] ହୋଇ ଯେତେବେଳେ ବସ୍‌ରେ ଆସିଲି, ସେତେବେଳେ ଆଉ "ଜନତା" ଯାଇବାର ଆଶା ନ ଥିଲା—ଏତେ ବେଗରେ କଲା ସେ ଗାଡ଼ିବାଲା, ଯେ କହି ନ ଯାଏ। ତା ଛଡ଼ା ସେ ଅସୁ ଅସୁ ଅଧା ବାଟରେ ମୋଟର ବସ୍‌କୁ ରଖିଦେଲା—ରଖି ଦେଲାର ଅର୍ଥ, ମୋଟର ଆଉ ଚାଲିଲା ନାହିଁ—ଆମେ ସେଠାରେ ଏକଘଣ୍ଟା ବା ସେଥିରୁ ଅଧିକ ସମୟ ପଡ଼ି ରହିଲୁ;—ବସ୍‌ରେ, ଜଣେ ସ୍ତ୍ରୀଲୋକ, ଜଣେ ସାନ ଝିଅ, ଆଉ ଚାରି ଜଣ ବୁଢ଼ା ମଧ୍ୟ ଥିଲେ—କି ହଟହଟା! ଅନେକେ ଛ' ଅଣା ପଇସାରୁ ଦୁଇ ଅଣା ପଇସା ଫେରାଇ ନେଇ ଚାଲିବାକୁ ଆରମ୍ଭ କଲେ।

ଆମେ ସେହିପରି ପଡ଼ି ରହିଥାଉଁ। ତାପରେ ଗୋଟିଏ ଟ୍ରକ୍‌ବାଲା ଆମକୁ ନେଇ ରାଇସ୍ ମିଲ ପାଖରେ ଛାଡ଼ିଦେଲା—ସେ ଟ୍ରକ୍‌ରେ ଚଢ଼ିବା ଓ ଓହ୍ଲାଇବା ଯେ କି କଷ୍ଟ ତା ତୁମେ ବୁଝି ପାରୁଥିବ। [illegible] ପୁଣି ଓହ୍ଲାଇବା ପାଇଁ ବାଟ ନାହିଁ—ଅତି କଷ୍ଟରେ, [illegible] ପକାଇ, ତାଙ୍କୁ ଓହ୍ଲାଇଲି—[illegible] ଷ୍ଟେସନକୁ ଆସିଲି।

Digitized by srujan ka@gmail.com

Third Class ଟିକଟ୍ ହାଲ୍‌ରେ ପଶିଲି—ଅପେକ୍ଷା କରିବାକୁ ପଡ଼ିଲା ପ୍ରାୟ ଏକ ଘଣ୍ଟା—ଟିକଟ୍ କିଣିବା ମହା ମୁସ୍କିଲ ବ୍ୟାପାର—ତେଣୁ ଜଣେ ଲୋକର ସାହାଯ୍ୟ ନେଲି—ସାହାହେଉ ଟିକଟ୍ କିଣି ଗାଡ଼ିରେ ଆସିଲି—ଗାଡ଼ି ଖାଲି ଥିଲା—ଭିଡ଼ ନ ଥିଲା ।

କଟକରେ ସାଢ଼େ ୮ଟା ରାତିରେ ପହଞ୍ଚିଲି—ସେଠୁ ଷ୍ଟେସନରେ କଟକଚଣ୍ଡୀ ବସ୍ ଧରିଲି—କଟକଚଣ୍ଡୀରୁ ଘରକୁ **Rickshaw** ରେ ଠ ୦ ।୵ ପଇସା ଦେଇ ଆସିଲି—ଘରେ ଆସି ଦେଖେଁ କେହି ନାହାନ୍ତି—ମୀନା ବଜାର କି ସିନେମା କ'ଣ ଦେଖି ଯାଇଛନ୍ତି—ତା ପରେ ସମସ୍ତେ ଆସି ପହଞ୍ଚିଗଲେ । ମୁଁ ରାତିରେ ଆଉ କିଛି ନ ଖାଇ ଶୋଇ ପଡ଼ିଲି—ହଁ, ଏହି ଶଠି ଲେଖିବାର ଗୋଟିଏ ବିଶେଷ ଉଦ୍ଦେଶ୍ୟ ଏହି ଯେ, 'ପଥେର ଦାବୀ' ଶରତ୍-ଚଟର୍ଜୀଙ୍କର ପଢ଼ିଥିଲି—ସେହି ପଥେର ଦାବୀ କଥାଟି ମନେ ପଡ଼ିଲା—ବର୍ଥରୁ ଟ୍ରଙ୍କ୍ ଓହ୍ଲାଇବା—ବଳ ନ ଥିଲେ କି—ତାହା ପଥେର ଦାବୀ ।

ଠିକ୍ ଏହିପରି ଅବସ୍ଥାରେ ପଡ଼ି ୨।୩ ବର୍ଷ ଆଗରୁ ଦାଲ୍ଲୀରେ ଗୋଟିଏ ବଡ଼ ଟ୍ରଙ୍କ୍ ଉଠାଇ ବସାକୁ ଆଣିଥିଲି ଘୋଡ଼ା ଗାଡ଼ିରୁ—ମୋ ଡାହାଣ ପାଖ ପଞ୍ଜରା ଦେହପରି କଡ଼ କଡ଼ କରି ଭାଙ୍ଗିଗଲା ଅନୁଭବ କଲି । ତାପରେ କଟକ ଆସି ଦିନେ **Flood affected area** କୁ **cycle** ଯୋଗରେ ନେଇ ୧୦ଟା ବ୍ରିଜ୍, ପ୍ରତ୍ୟେକଟା ପ୍ରାୟ ୫୦ ଫୁଟ ହେବ, ପାରି ହେଲି—ଧର୍ମଶାଳା ପାଖରେ **(breach)**, ନଈ ବାଲିରେ **cycle** କୁ ଠେଲି ଠେଲି ନେଲି । ଘରକୁ କଟକ ଫେରି ଆସି ଠିକ୍ ତା ପର ଦିନ ହେଲା **Pneumonia**—ଯେଉଁଥିରେ ଦୁଇ ମାସ ଭୋଗିଲି ।

Digitized by srujan ka@gmail.com

ତା ପରେ ତ ହଠାତ୍ ଧରେ Asthma—ତା ଅନ୍ତ ପର୍ଯ୍ୟନ୍ତ ଘୁରୁଛି । ଏ ସବୁ 'ପଥର ଦାଗ'—ଏ ସବୁ ଏଡ଼ାଇ ହୁଏ ନାହିଁ ବୋଲି କହିବାକୁ ହୁଏ—ଏବଂ ସେଥିପାଇଁ ମଧ୍ୟ ଭୋଗିବାକୁ ହୁଏ କିନ୍ତୁ ଏ ସବୁ ଯେ ପଥର ଦାଗ । ପଥର ଦାଗରେ ଆନନ୍ଦ ଯେମିତି, କଷ୍ଟ ମଧ୍ୟ ସେହିପରି ।

ଦେଖିଲୁ ତ ଏହି ପଥର ଦାଗରେ ତୋତେ ତରତରକେ କପର ଗୁଡ଼ ଆସିଲି ସ୍ନେହ ଶ୍ରଦ୍ଧାର ଆଦାନ ପ୍ରଦାନ ନ ହେଉଣୁ । ଲୁଣ୍ଡୁରୁ ଆସିବେ ବୋଲି ମୁଁ ତରତରରେ ସ୍କୁଲ ଆସିଲି ।

ଏହି ପଥର ଦାଗ ପାଇଁ ଆମକୁ ପ୍ରସ୍ତୁତ ହେବାକୁ ହେବ । ଏହି ପଥର ଦାଗରେ କେତେ କଥା ଘଟେ—ଏହାକୁ ଭାବିଲେ ଆଶ୍ଚର୍ଯ୍ୟାନ୍ୱିତ ହେବାକୁ ହୁଏ ।

ହଁ, ସେଦିନ ଆସିଲାବେଳେ ଯେ ମୋତେ ଟିକଟ୍ କରିବାରେ ସାହାଯ୍ୟ କରିଥିଲେ, ତାଙ୍କର ନାମ ଜ୍ୟୋତିର୍ମୟ ମିଶ୍ର—କୌଣସି ଏକ ହାଇସ୍କୁଲର ହେଡ଼ମାଷ୍ଟର ସେ—ସେ ମୋତେ ସେଦିନ ଗୋଟିଏ Post card ଦେଇଥିଲେ ତାଙ୍କର ଜଣେ ବନ୍ଧୁର D. Ed ପାଇଁ Selection ହୋଇଛି କି ନା ବୁଝି ଲେଖିବା ପାଇଁ । ମୋତେ Training College ଯିବାକୁ ହେବ—ବୁଝିବାକୁ ହେବ—ଚିଠି ଲେଖିବାକୁ ହେବ—ଏ ସବୁ ପଥର ଦାଗ । ଆଉ ଅଧିକ କଣ ଲେଖିବ ?

ତୋର ମଙ୍ଗଳ ପାଇଁ ଏଠାରେ ଏହି ଚିଠି ବନ୍ଦ କଲି ।

ତୋର ଚିରକଲ୍ୟାଣକାଂକ୍ଷୀ
ଲକ୍ଷ୍ମୀନାରାୟଣ ସାହୁ

———

Digitized by srujan ka@gmail.com

ଦେଉଳସାହି, କଟକ
୧୪।୭।୧୯୫୩
ସକାଳ ୧୦ଟା

ସ୍ନେହର—

ମୋର ଶରୀର ଯାଇଥିବ—ମୁଁ କାଲି ଓ ଆଜି କିଛି ପଢ଼ି ନାହିଁ—କେବଳ ବହି ସଜାଡ଼ିବାରେ ଲାଗିଛି—ସେଠି ସେହି ମୃତ୍ୟୁ ଘଟଣାର ବିଶଦ ବିବରଣ ମୋତେ ଲେଖିବୁ—ବଧବା ସ୍ତ୍ରୀ ଓ ପିଲାଙ୍କର ଅବସ୍ଥା ଲେଖିବୁ ।

କୁଞ୍ଜବାବୁଙ୍କ ଠାରୁ ବର୍ତ୍ତମାନ ସୁଦ୍ଧା କିଛି ଶୁଣି ନାହିଁ । କାଲି ରବିବାର ଥିଲା—ଆଜି ଅଫିସ୍‌ରୁ ଡାକ ଆସିଲେ ଜାଣିବି—ତୋ କଥା ଲେଖିବୁ—ମୋର ସ୍ନେହ ଜାଣିବୁ—ଇତି—

ତୋର ସ୍ନେହର
ଲ—

ଦେଉଳସାହି, କଟକ
୧୭-୭-୧୯୫୩

ସ୍ନେହର—

ଆଜି **Philosophy** ପଢ଼ୁଥିଲି । ପ୍ଲେଟୋ ସର୍ବପ୍ରଥମ ଆଦର୍ଶବାଦୀ ଦାର୍ଶନିକ, ପଶ୍ଚିମ ଦେଶରେ । ଜୀବନର ମୂଲ୍ୟ ଅଛି । ଏହି ସଂସାରକୁ ଆମର ଚରିତ୍ର ଦ୍ୱାରା ଉନ୍ନତ କରିବାକୁ ହେବ ।

ଆମର ଭାରତୀୟ ଦାର୍ଶନିକରେ ବଡ଼ କଥା—ସତ୍ୟ ଶିବ ସୁନ୍ଦରର ଉପାସକ ଆମ୍ଭେମାନେ—ଏହି ସତ୍ୟ ଶିବ ସୁନ୍ଦର ହେବାର ଅର୍ଥ ଆମ ଜୀବନର ମୂଲ୍ୟ ଅଛି ଏବଂ ସେହି ମୂଲ୍ୟକୁ ଅଧିକ ବଢ଼ାଇବାକୁ

Digitized by srujan ka@gmail.com

ହେବ—ଏହି ସତ୍ୟଶିବ ସୁନ୍ଦରର ଯଥାର୍ଥ ଉପାସନା ଦ୍ୱାରା । ଭାରତୀୟ ଦର୍ଶନର ମୂଳବସ୍ତୁ ହେଉଛି ସମଗ୍ରତା—ସୁତରାଂ କେବଳ ଜାଗତିକ ଉପକାର ବା ମୂଲ୍ୟ ଦେଖିଲେ ଚଳିବ ନାହିଁ—ଆଧ୍ୟାତ୍ମିକ, ଶାରୀରିକ, ଆଧିଦୈବିକ ସବୁ ଦିଗରୁ ଆମ ଜୀବନକୁ ଏପରି ଗଢ଼ିବାକୁ ହେବ ଯଦ୍ଦ୍ୱାରା ଆମର ଜୀବନର ଅସଲ ମୂଲ୍ୟ ବଢ଼ିଯିବ ।

ଜୀବନର ମୂଲ୍ୟ କେବଳ ଖାଇବା, ପିଇବା ଓ ସୁଖ ଦେଖିବାରେ ନୁହେଁ—ଏ ଜୀବନର ମୂଲ୍ୟ ସମଗ୍ର ବିଶ୍ୱର କଲ୍ୟାଣ ଏବଂ ସମୃଦ୍ଧି । ଏଥିପାଇଁ ପ୍ରତ୍ୟେକ ମାନବକୁ ଊର୍ଦ୍ଧ୍ୱ ଆଡ଼କୁ ଅର୍ଥାତ୍ ଉନ୍ନତ ଆଡ଼କୁ ଗତି କରିବାକୁ ହେବ—ଏହାହିଁ ଜୀବନର ସାର କଥା ।

ଆଉ ଅଧିକ କଣ ଲେଖିବି ? ତୋର ମଙ୍ଗଳ କାମନା କରି ରହିଲି—ଇତି ।

ତୋର
ସ୍ନେହର
ଲକ୍ଷ୍ମୀନାରାୟଣ ସାହୁ

ଦେଉଳ ସାହି, କଟକ
୧୦।୭।୫୩

ସ୍ନେହର—

ତୋର ଚିଠି ପାଇଲି । ମୋର ଦେହ ଟିକିଏ ଭଲ ଅଛି । ସେତେବେଳେ ଟିକିଏ ଅକାଶୁକା ଲାଗେ, ନିଶ୍ୱାସ କଷ୍ଟକର ହୁଏ, ପ୍ରାୟ ରାତି ୧୨ଟା ପରେ, ସେତେବେଳେ ସେହି **Brovon** ପାଟିବାଟେ ପାନ କରେଁ, ଟିକିଏ ଥୟ ପଡ଼ିଯାଏ ।

ଆଉ ତୋତେ କ'ଣ ଲେଖିବି ?

Digitized by srujan ka@gmail.com

Metaphysics ବା କଣ କହିବ ? ଅଧ୍ୟାତ୍ମ ବିଦ୍ୟା ?

—ବହି ଖଣ୍ଡିଏ ଧରୁଛି—**A. E. Taylor** ଙ୍କ ବହି—ସେଥିରେ ପ୍ରଥମ କଥା ପଢୁଛି ଯାହା ସତ୍ୟ ପରି ଦିଶେ, ତାହା ହୁଏତ ପ୍ରକୃତ ସତ୍ୟ ନୁହେଁ, ତାହା ସତ୍ୟ ପରି ଭାସମାନ ହୋଇ ପାରେ ।

ମୁଁ କାଲି ଗୋଟିଏ କବିତା ଲେଖିଥିଲି ତୁମର ନିକଟ ବନ୍ଧୁର ମୃତ୍ୟୁକୁ ଭାବି—ତାହା ଏହି—

They jumped the bosom,
They married over the broom stick
They lived together for some years
Now he is dead as dodo
The sun rises again and again
The moon, the stars, the spring
all come again and again.
Life also will thus returu
again and again
He is dead—dead as dodo
He lived, he ate, he dreamt, he slept
and now sleeps forever
The chapter is closed for him.
But a new chapter shall have to be writtem
for the widow.
Ah ! this is life
struggle and fury,
death and misery,
Love and pain, came again and again.

Digitized by srujan ka@gmail.com

She has a living death
The father of the son did not join the marriage
Now the son is dead,
the father is at the bier
He lived fast, he drank too much,
Sweated himself to death,
hurried to the grave.
No, no, no
What does it show ?
Dodo dodo.

ତୁ ଯେତେବେଳେ କୌଣସି ପରୀକ୍ଷାର ହେବ **Dictionary** ବ୍ୟବହାର କରିବୁ । ତାହେଲେ ଅନେକ ନୂଆ କଥା ଶିଖି ପାରିବୁ । **Atlas** ବରାବର ଦେଖୁଥିବୁ । ଦେଖିଲେ ପୃଥିବୀର ସ୍ଥାନମାନଙ୍କର ଧାରଣା ତୋର ଠିକ୍ ହେବ । ଆଉ ପୃଥିବୀର ଭିନ୍ନ ଭିନ୍ନ ସ୍ଥାନ-ଗୁଡ଼ିକ ତୋତେ ତୋର ହସ୍ତାମଳକବତ୍ ପ୍ରତୀୟମାନ ହେବ । ଇତି ।

ତୋର ସ୍ନେହର
ଲ——

ଦେଉଳ ସାହି
୨୧।୭।୪୩

ସ୍ନେହର—

ତୋ ଚଉଠି କାଲି ସନ୍ଧ୍ୟାବେଳେ ପାଇଲି । ଆଜି ଖୁବ୍ ଭୋରେ ଉଠି ତୋତେ ଉପହାର ଦେବାପାଇଁ ଏହି କବିତାଟି ଲେଖିଲି—

ପଥପ୍ରାନ୍ତେ ବସି ଆଜ କେତେ ଦିନ କହ୍ନ ଏହିପରି ଚିବ
ଭବେ ମୁଁ ଆସି ଏତେଦିନ କେବଳ ବାହାରେ ଦାହାରେ
ବୁଲିଲି ଏବ !
ଦିନ ଗଲା ଗୁଳି ଶୁଣି ଶୁଣି କୋଇଲି ବୋଲି
ଏଥର ଉଠିବି ମୁହିଁ ଦେଖିବି ଗୃହଆଡ଼
କି ଅଛି କାହିଁ କାହିଁ ଏ ଭାବ ॥୧॥

ଏତେ ବିଶାଳ ବିଶ୍ୱ, ମୁଁ କେବଳ ହେଲି ନିଃସ୍ୱ
ଜୀବନ ଯୌବନ ସବୁଗଲା ଲଭି ଖାଲି ବସି ବସି
ଏବେ ହେଲି ହ୍ରସ୍ୱ ।
କଥା କୁହ କଥା କୁହ
ହେ ମୋର ପ୍ରିୟା ! ବିରହ ଦହ
ଏଥର ନମାଧ ମାଉଛି ଦବ, ନାହିଁ କିଛି
ଏଥର ମୁଁ ହେବି ନିଃସ୍ୱ ॥୨॥

ସଂସାର ପଥେ ବାଟର ବାଟର
କିଛି କି ବୁଝିଲି ଆଜ ସର
ନାହିଁ, ନାହିଁ, କିଛି ବୁଝି ନାହିଁ
ଦିଅ ଦେଖା ହେ ମୋର ଭବପାଇଁ !
ତୁମ ବିନା ଅନ୍ୟ ପଥ କାହିଁ ? ମୁଁ ଯେ ଗଲିଣି ସର ॥୩॥

Digitized by srujan ka@gmail.com

ଗତ ଅଧେ କେତେ ମହୁରୀ ବାଜେ
ରହୁ ରହୁ
ପ୍ରଭାତର ଶଙ୍ଖା ବାଲ୍ୟଆ ଭାବେ
ପଡ଼ି ରହୁ ସେହୁ
ମଙ୍ଗଳ ମହୁରୀ ବାଜଇ ଭେରୀକାର ଡମ୍ବରୁ ନାଦେ ଅସର
ଏଥର ବର୍ଷା ଶେଷେ ଶବ୍ଦ ଆସିଲେ
ଦୁର୍ଗୀ ମୃଗ ଗୃହୁଁ ବାହାରିବ ମୁହିଁ ॥୭॥

ଶ୍ରେୟର ପଥେ କରିବି ବିଚରଣ
ପ୍ରେୟର ପଥେ ତ ଭୁଲିଲି ଅନୁକ୍ଷଣ
ଯିବି ଏବେ ଊର୍ଦ୍ଧ୍ୱଗତ କରି
ତାରକା ପନ୍ଥୁ ଚନ୍ଦ୍ର ସ୍ଫୁରି ସ୍ଫୁରି
ସେହି ପଥ ମୋର, କରିବ ସେ ପଥ
ମୋର ଅଶେଷ କଲ୍ୟାଣ ॥୮॥

ଗତ ଯାହୁ ଆସେ କପୋଳ କୋକନଦ
ଆଉ କାହାର
ଦେଖି ଦେଖି ମୁହିଁ ଜୀବନ ନେବି
ସେ ଯେ ଲକ୍ଷ୍ମୀ ସରସ୍ୱତୀ ଶ୍ରୀର,
ଜନ ମୋର ଯାଉ ଶାନ୍ତିରେ
ଏଥର ଏହି ଶେଷ ପ୍ରୟାଣ ଭଲରେ
ସମସ୍ତଙ୍କୁ ଆଶୀର୍ବାଦ ରହିବ ମୁହିଁ
ଥିବ ସୁଖୀ ସୁଧୀର ॥୯॥

ଧଳନ୍ତ ସ୍ଥାଇ ଯାଉଛି ଏବେ ହରେଇ
କେଉଁ ଘଟେ ଏବେ ଅରୁଣ ଆସୁଛି ଭଉଁ

Digitized by srujan ka@gmail.com

ମୁଁ ଦେଖିଛୁ କଲ୍ୟାଣ ପଥ
ସେହି ପଥ ବାହି ନେବ ଗୋ ମୋ ମନୋରଥ
ଏଥର ପାଇଛୁ ସୁପଥ,   ଛାଡ଼ ଭୁଲିବ ତହିଁ ॥୭॥
ଉଠ, ଉଠ, ତେବେ ଆଳସ୍ୟ ତ୍ୟଜି
ଉଠିଲେଣି କାକ, ପିକ ଆଜ ସବୁ ଦେଖେ
ସତ୍ୟ ବସ୍ତୁ ଦେଖି ।
ଆରାଧନା କର, ଏବେ ଜଗତ ଜୀବନ
ସକଳର ମଙ୍ଗଳ ହେଉ,   ଦୂର ପାପ ବନ୍ଧନ ॥୮॥
ଉଷାର ସ୍ନିଗ୍ଧ ରୂପଶ୍ରୀ ହେଉ ଦେଖ
ଆକାଶେ ସୂର୍ଯ୍ୟାଲୋକ ତୁମେ ଏବେ ନିରେଖ
ଉଠ, ଉଠ, ଜଗତ ବାସି !
ସକଳର କଲ୍ୟାଣ ମନାସି
ହେଉ ତୁମର ମଙ୍ଗଳ, ମଙ୍ଗଳ ଜଗତର
ମଙ୍ଗଳ ଶୀଘ୍ର ॥୯॥

ଏ ମଧ୍ୟ ସେହି ପଥର ଧାରା । ସମସ୍ତଙ୍କର ମଙ୍ଗଳ ପାଇଁବା
ଆପଣାର ମଙ୍ଗଳ କରିବା—ଇତି—
ତୋର ସ୍ନେହାକାଙ୍କ୍ଷୀ
ଲକ୍ଷ୍ମୀନାରାୟଣ ସାହୁ

ଦେଉଳ ସାହି, କଟକ
ତା ୨୪ । ୭ । ୫୩

ସ୍ନେହର—

କାଲି ରିକ୍ସା କରି ଅଫିସ ଯାଇଥିଲି । ସେଠାରେ ୧୧ଟାରୁ ୫ଟା ପର୍ଯ୍ୟନ୍ତ କାମ କଲି । ତା ପରେ ଘରକୁ ଫେରିଲି । କାଲି

Digitized by srujan ka@gmail.com

ରାତରେ ଏଠାରେ ଖୁବ୍ ବର୍ଷା—କୁଞ୍ଜବୁଙ୍କ ପାଖରୁ ଏ ପର୍ଯ୍ୟନ୍ତ ଛଠି ଅସି ନାହିଁ ।

ମୁଁ କାଲି **John Ruskin**ଙ୍କ ଜୀବନୀ ପଢୁଥିଲି । ସେ ଇଂଲଣ୍ଡରେ (୧୮୧୯-୧୯୦୦) ଥିଲେ । ମୁଁ ତାଙ୍କର ଖୁବ୍ ଭକ୍ତ, ତାଙ୍କର ବହୁ ଏଡ଼ି—ଏଥର କ **Intermediate** ପଢ଼ିବା ବେଳେ ବିଲାତ ଯାଇ ତାଙ୍କ ଶିଷ୍ୟ ହେବ ଏପରି ଭାବଥିଲି—କିନ୍ତୁ ଜାଣି ନ ଥିଲି, ଯେ ୧୯୦୮ ଖ୍ରୀଷ୍ଟାବ୍ଦକୁ ସେ ଆଉ ମର୍ତ୍ତ୍ୟଧାମରେ ନ ଥିଲେ । ସେ ଭଲ ଛାତ୍ର ଥିଲେ, ଭଲ ବହି ଲେଖି ଯାଇଛନ୍ତି, ବଡ଼ ଦାନଶୀଳ ଥିଲେ । ଚିତ୍ରବିଦ୍ୟା ମଧ୍ୟ ଭଲ ଶିଖିଥିଲେ । ୧୮୪୮ ଖ୍ରୀଷ୍ଟାବ୍ଦରେ ଅର୍ଥାତ୍ ୨୯ ବର୍ଷ ବୟସରେ ସେ ବିବାହ କରିଥିଲେ । କିନ୍ତୁ ତାଙ୍କ ବୈବାହିକ ଜୀବନ, ତାଙ୍କ ସ୍ତ୍ରୀ ତଥା ତାଙ୍କ ମାଙ୍କ ଯୋଗୁଁ ଅତ୍ୟନ୍ତ ଅସୁଖକର ହୋଇଥିଲା । ୧୮୫୫ ଖ୍ରୀଷ୍ଟାବ୍ଦରେ ସ୍ତ୍ରୀ ସ୍ୱାମୀ ପାଖରୁ ଛାଡ଼ପତ୍ର ନେଲେ । ସେ ଆଉ ଥରେ ବିବାହ କଲେ । ସେ **Carlyle, Browings, Froude** ପ୍ରଭୃତଙ୍କ ସହିତରେ ଖୁବ୍ ମିଳୁଥିଲେ । ତାଙ୍କର ବହି **The Seven Lamps of Architecture, The Stones of Venice, The Political Economy of Art, Unto the Last (୧୮୬୨), Sesame and Lilies (୧୮୬୫), The Crown of Wild Olive** ଇତ୍ୟାଦି ମୁଁ ଖୁବ୍ ଭଲ ପାଏଁ । ଗାନ୍ଧି ତ ତାଙ୍କ **Unto this Last** ପଢ଼ି ନିଜ ଜୀବନ ଉପରେ ତାଙ୍କ ପ୍ରଭାବ ଖୁବ୍ ଅନୁଭବ କରିଥିଲେ । ତୁମେ ପଢ଼ା ପାଇଁ ହାଇସ୍କୁଲ ଲାଇବ୍ରେରୀରୁ **Unto this last** ବହି ଆଣି ପଢ଼ିବ । **Sesame and Lilies, Crown of the Wild Olive** ମଧ୍ୟ ପଢ଼ିପାର । ସେ ବଡ଼ ବକ୍ତା ମଧ୍ୟ ଥିଲେ । ତାଙ୍କର ଧନ ସମ୍ପତ୍ତି ଖୁବ୍ ଥିଲା—ସେ ସବୁ ଅନେକ **artist** ଇତ୍ୟାଦିଙ୍କୁ ଦାନ କରିଥିଲେ ।

Digitized by srujan ka@gmail.com

Schiller ନାମରେ ଜଣେ ବଡ଼ ଶନ୍ତାଶୀଳ ବ୍ୟକ୍ତି ଥିଲେ । ସେ ଅନେକ ବହି ଲେଖି ଯାଇଛନ୍ତି । ସେ ଦାର୍ଶନିକ ମଧ୍ୟ ଥିଲେ । ତାଙ୍କର ବାପା ଜଣେ **army** ସର୍ଜନ ଥିଲେ । **Schiller** ମିଲିଟେରୀ ସ୍କୁଲରେ ଭର୍ତ୍ତି ହେଲେ । କିନ୍ତୁ ଭଲ ଲାଗିଲା ନାହିଁ । ତା'ପରେ ଆଇନ ବିଦ୍ୟା ପଢିଲେ । କିନ୍ତୁ ତାହା ତାଙ୍କୁ ଭଲ ନ ଲାଗିବାରୁ ଡାକ୍ତରୀ ପଢିବାକୁ ଆରମ୍ଭ କଲେ । କିନ୍ତୁ ଗେଟେଙ୍କ ସହ ସାଥୀରେ ଦଳେ ପରିଚିତ ହୋଇ ସେ କବି ହେବାକୁ ଇଚ୍ଛା କଲେ । ସେ ନାଟକ ଲେଖିବାକୁ ଆରମ୍ଭ କଲେ । ହାସ୍ୟ ରସାତ୍ମକ ନାଟକ ଲେଖି ସେ ଥରେ ଜେଲ ଗଲେ । ଆଉ ହାସ୍ୟରସାତ୍ମକ ନାଟକ ଲେଖିବେ ନାହିଁ ତାଙ୍କ ଉପରେ ଆଇନ ଜାରି ହେଲା, **Schiller** ଜର୍ମାନୀରୁ ପଳାଇଗଲେ । ଏବଂ ବିୟୋଗାନ୍ତକ ନାଟକ ଲେଖିଲେ । ପୁଣି, ସେ ଜର୍ମାନୀକୁ ଫେରିଯାଇ ଐତିହାସିକ ନାଟକ ଲେଖିବାକୁ ଆରମ୍ଭ କଲେ । ୧୭୯୦ ଖ୍ରୀଷ୍ଟାବ୍ଦରେ ଫେବ୍ରୁୟାରୀ ମାସରେ **Charlotte** ନାମକ ଏକ କୁମାରୀର ପ୍ରେମରେ ପଡ଼ିଲେ, ୩୧ ବର୍ଷ ବୟସ ହୁଏତେତେବେଳେ ତାଙ୍କୁ । ତେଣୁ ଏପରି ହେବା ସ୍ୱାଭାବିକ । ତାଙ୍କୁ ସେ ବିବାହ କଲେ । ସେ ବଡ଼ ଦାର୍ଶନିକ ବୋଲି ପ୍ରଖ୍ୟାତ ହୋଇଥିଲେ । ଶେଷ ଜୀବନକୁ ପୁଣି ସେ କବି ହେଲେ ।

ତୁମେ ତ ଦେଖିଛ ମୁଁ କପରି ସବୁବେଳେ କାବ-ପଢ଼ୁଁ ପଢ଼ୁଁ କବି—ଲେଖୁ ଲେଖୁ କବି—କଥା କହୁଁ କହୁଁ କବ-କବ ହେବା ପାଇଁ କବି ଭାବରେ ପୂରିତ ହୋଇ ହେବା ପାଇଁ ମୋର ମନ ସର୍ବଦାଃ ଧାବିତ ହୁଏ ।

Schiller ୧୭୫୭ ରୁ ୧୮୦୫ ଖ୍ରୀଷ୍ଟାବ୍ଦ ପର୍ଯ୍ୟନ୍ତ ଜୀବିତ ଥିଲେ ଅର୍ଥାତ୍ ୪୯ ବର୍ଷ ମାତ୍ର ବଞ୍ଚିଥିଲେ । କିନ୍ତୁ ବାପ୍‌ରେ ବାପ୍ କେତେ ଲେଖି ଯାଇଥିଲେ । ଶେଷ ଜୀବନ ତାଙ୍କର ଅସ୍ୱାସ୍ଥ୍ୟରେ କଟିଲା ।

Digitized by srujan ka@gmail.com

ଯୋର ଅନ୍ଧକାର ଦେଖାଗଲା । କିନ୍ତୁ **Goethe** ଙ୍କ ଉକ୍ତି ତାଙ୍କୁ ଆଲୋକ ଦେଇଥିଲା ।

ମୋର ବାଁ ଆଖି ଫୁଲିଯାଇ ଗୋଟିଏ ବଥ ବାହାରିଛି—କଷ୍ଟ ହେଉଛି । **Brovon** ସାହାଯ୍ୟରେ ଦେହ ସ୍ୱାସ୍ଥ୍ୟ ଭଲ ଅଛି । ଚିଠି ଦେବୁ—ଇତି ।

ତୋର ଶିବ ଶୁଭାର୍ଥୀ
ଲ—

ଦେଉଳ ସାହି, କଟକ
ତା।୨୭।୭।୫୩

ସ୍ନେହର—

ତୁମର ଚିଠି ପାଇଛି—କାଲି ନିର୍ବାଣ ସମ୍ବନ୍ଧରେ ପଢ଼ୁଥିଲି—ନିର୍ବାଣ କ'ଣ ତାର **idea** ମଧ୍ୟ ମୁଁ ଏଠାରେ ଦେଉଛି—ଦେଖିବୁ ।

ତୋତେ କେତେବେଳେ ତୁ କେତେବେଳେ ତୁମେ ଲେଖି ଯାଉଛି । ଯେତେବେଳେ ଯାହା ଆସୁଛି ମୋର ମନ ହୁଏ ପୂରା ତୁ ସବୁବେଳେ କହିବାର ଅଧିକାର ମୁଁ ବର୍ତ୍ତମାନ ସୁଦ୍ଧା ପାଇ ନାହିଁ—ସେଥିପାଇଁ କେତେ କୋହଜାତ ହେଲେ ତୁମେ ଏଡ଼ାଇ ଯାଉଛି—ତୁମମାନଙ୍କ ଶ୍ରଦ୍ଧା ଅଛି, କିନ୍ତୁ ତୁ'ତେ ଆନନ୍ଦ ଅଛି, ନୈକଟ୍ୟ ଅଛି ।

ତୋର ଶୁଭକାଂକ୍ଷୀ
ଲ——

Digitized by srujan ka@gmail.com

Nirvana—The highest state of spiritual attainment for the Buddhist. Existence is a continual passage from one state into the next, man's earthly life being but one episode. This round of existence is but a veil over reality. If ignorance, desires, and all other poisons can be removed, the individual is delivered from his fictitious individuality and from the round. This is the state of Nirvana and is completely discontinuous from the 'round'. Nirvana can not be defined, since the terms used by man bear no relation to it.

ଦେଉଳ ସାହି
ତା ୨୯।୭।୫୩

ସ୍ନେହର —

ଆଜି ମୋ ପ୍ରାଣଟା କମିତ ହେଉଛି—ବିଚ୍ଛିନ୍ନତା ମୋତେ ଘାରିଛି—ମୁଁ ସକଳ ପ୍ରିୟଙ୍କ ସହିତରେ ଯୁକ୍ତ ହୋଇ କେବେ ସ୍ୱର୍ଗସୁଖ ଲାଭ କରିବି ସେହି ଚିନ୍ତା ମୋତେ ଘାରିଛି—ଏହି ଚିରନ୍ତନ, ଶାଶ୍ୱତ ଆକାଂକ୍ଷା ମାନବର—ମୋର ମନର ସେହି ଅବସ୍ଥାରେ ତଳେ ଯେଉଁ କବିତା ଲେଖିଛି ସେଥିରେ ପ୍ରକାଶ କଲି—

This longing of the heart,
this longing of the soul,
To cling to them who are so dear to us
It ever flames forth and

Digitized by srujan ka@gmail.com

like a moth beats
its wings against the light
And then finally drops dead
or gets burut.
There is joy in the soul,
There is joy in the heart,
this longing to meet and touch,
This longing to see our
dear ones near to our heart
Oh ! this is delight,
empyrean delight
This is Heaven, elysian beauty,
This is God uniting with this love
This is creation, which makes
creation sweet.
This is spring when
cuckoos call
This is the Rains when
Clouds wander over the sky
And pour, pour, pour rain
This is essence, this is Emotion
This is life with awakening,
this is poetry, this is prose,
this is beauty where
flowers change colours
From red to pink, from
white to yellow,

Digitized by srujan ka@gmail.com

From day to day, from
moment to moment
A joy for the moment, a joy,
as it were, forever.
This is life. This is
beauty.
This is joy—supernal
Echoing and cooing from
heart to heart
From joy to joy, from
glory to glory
Only man with inhibitions
Cannot rise to that height
He feels his wings are
clipped and
he falls to the ground

ମୁଁ ଭାବୁଛି ଏ ମଧ୍ୟ ନିସନ୍ଦେହ ପଥର ଦାବୀ । ମନୁଷ୍ୟ ଜୀବନ ପଥରେ ଗତି କରିବା ବେଳେ ଏହି ଦାବୀ ଅନୁଭବ କରେ—ଭାବେ ବାରମ୍ବାର—କିନ୍ତୁ ଗୃହାସକ୍ତ ରହୁଥାଏ—ଏହି ମାୟା ଜାଲ ଛିନ୍ନ ହେଲେ, ନିର୍ବାଣ ଲାଭ ହୁଏ । ଅବସ୍ଥା କଳ୍ପନାରେ କିଛି କିଛି ଆସିଲେ ମଧ୍ୟ ପୂର୍ଣ୍ଣଭାବେ ହୃଦୟଙ୍ଗମ କରି ହେବ ନାହିଁ ।

ଆଜି କଲେକ୍ଟରଙ୍କ ନଗାଙ୍କ ସଭା ଥିଲା—ଆଦିବାସୀ Research; Governor ସଭାପତି—କିନ୍ତୁ ବର୍ଷାଯୋଗୁ ମାଇ.

Digitized by srujan ka@gmail.com

ପାରେଲ୍ ନାହିଁ । ଅଜ ଭୁଏତ ଅମ ଇତହାସ ପରୀକ୍ଷା ଫଳ ବାହାରିବ । ତୋର ମଙ୍ଗଳ କାମନା କରି ରହିଲ । ଇତ ।

ତୋର
ସ୍ନେହାକାଂକ୍ଷୀ
ଲ—

ଦେଉଳସାହି
୧-୮-୫୩

ସ୍ନେହର—

ବର୍ତ୍ତମାନ ଦିପହର ୧୨୮ ଟା ବାଜିଛି—ମେଘ ଅଛି—ଗରମ କରୁଛି—ପ୍ରକୃତକୁ ଗୁହିଁ ଶୋଇ ଶୋଇ ନାନାଭାବ ଆସୁଛି—କିନ୍ତୁ ଧରହେଉ ନାହିଁ । ତେବେ ଯେତକ ଆପଣାଗ୍ଭଏଁ ଧରା ଦେଇଛି ତାହା ଏଠାରେ କବିତା ଆକାରରେ ପ୍ରକାଶ ପାଇଛି । ଅନନ୍ତର ଆକାଂକ୍ଷା ଏହିପରି ପ୍ରକୃତ ସହିତରେ ମିଳେ—କେତେ ଭାବ ଗୋଳେ ।

କବିତା ଧାଅଛି ଏହି—

A spring ! A spring !
Cool, sweetening, gurgling
A spring ! A spring !
There the spring
And I stand by it
We two are drawn to each other
The willow branches bending and
waving over

Digitized by srujan ka@gmail.com

The spring ! the spring !
Should I stand and
merely gaze ?
Should I not taste and
slake my thirst ?
Should I not plunge in
the Holy union ?
A spring ! A spring !
And there's the moon !

—x—

The plantain shoots, now
Widening their
Branching long leaves
The moistened earth, the sombre
clouds,—but my heart heaves !
The vegetable plants ! all shoot out
and new tiny shoots appear
to bloom bigger and
beautiful.
Only the heart heaves !—for
Union with the distant soul
The unforgotten, though lost in
the dazed clouds
Slumbering on the hills.

———

Digitized by srujan ka@gmail.com

ତୁ ଛବି କାଟି ଜାଣୁ କି ? ମୋତେ ଛବି କାଟି ଆସେ ନା—କିନ୍ତୁ ଇଚ୍ଛା ହୁଏ । ମୁଁ ଆଶ୍ଚର୍ଯ୍ୟାନ୍ୱିତ ହୁଏ । ଟିକିଏ କାଳି ଆଉ ଟିକିଏ କାଗଜ ଭିତରେ ଶିଳ୍ପୀ କେତେ ଭାବ ଫୁଟାଏ । ଆଶ୍ଚର୍ଯ୍ୟ ସେ ସାଧନା । ଏ ଜୀବନରେ ମୋର ତାହା ହୋଇ ପାରିଲା ନା ।

ମୁଁ ଦେଖୁଛି ଯେ ଯେଉଁ ଘରେ ଗୁଡ଼ାଏ ଛୁଆ ପିଲା ସେ ଘରେ ଶାନ୍ତି ରହେ ନାହିଁ । ଅତଏବ ଯଦି ଗୋଟିଏ ଘରେ ଭାଇ ଭଉଣୀ ପାଞ୍ଚଟା ହୋଇଥିବେ ତେବେ ସେମାନେ ବଡ଼ ହୋଇଗଲେ ସମସ୍ତେ ସ୍ୱତନ୍ତ୍ର ଘର କରିବା ଉଚିତ । ଅବଶ୍ୟ ଝିଅମାନେ ବାହାହୋଇ ଅନ୍ୟ ଘରକୁ ଚାଲିଯିବେ କିନ୍ତୁ ସେଠି ମଧ୍ୟ ସ୍ୱାମୀର ଭାଇ ଇତ୍ୟାଦି ଗୁଡ଼ାଏ ଏକ ସଙ୍ଗରେ ଥିଲେ ମହାଗୋଳ ।

ଏହାଛଡ଼ା ମୁଁ ଭାବୁଛି ଯଦି **State** ସବୁ ଛୁଆ ପିଲାଙ୍କୁ ନେଇ ଯାଆନ୍ତା ଭଲ ହୁଅନ୍ତା । ଲୋକେ ବେଶୀ କାମ କରି ପାରନ୍ତେ । ନୋହିଲେ ଖାଲି ଚେଁ ଭେଁ, ଗୋଳମାଳ—ଏପରି ହେଲେ ଗୃହରେ ଶାନ୍ତି ରହେ ନାହିଁ—ସ୍ୱାମୀ ସ୍ତ୍ରୀ ପରସ୍ପର ଏକାଠି ବସି ନାନା କଥା ଏକତ୍ର କରି ପାରିବା ପାଇଁ ସମୟ ଓ ସୁଯୋଗ ପାନ୍ତି ନାହିଁ ।

କାଲି କାଶ ଖୁବ୍ ହୋଇଥିଲା—ଜ୍ୱର ସାମାନ୍ୟ—ଆଜି ଭଲ ଅଛି । ଚିଠି ଦେବୁ—କଲ୍ୟାଣ ନେବୁ—ଇତି ।

ତୋର
ଶୁଭାକାଂକ୍ଷୀ
ଲକ୍ଷ୍ମୀନାରାୟଣ ସାହୁ ।

———

Digitized by srujan ka@gmail.com

ଦେଉଳ ସାହି
ତା ୮।୮।୫୩

ସ୍ନେହର—

ତୋ ଚିଠି ପାଇଲି । ମୋତେ ୩ ଦିନ ହେଲା ଜ୍ୱର । ୭ ତାରିଖରେ Radio talk ଥିଲା—ସନ୍ଧ୍ୟା ୭-୫ ମିନିଟରେ—ସେଠୁ ଫେରି ଜ୍ୱର—ସାଗୁ ଖାଉଛି—ଅଣ୍ଟା ଦରଜ—ଠିଆ ହୋଇ ପାରୁନି ।

ଆଜି Kantଙ୍କର ଗୋଟିଏ ବହି ପଢୁଥିଲି । Kant କହୁଛନ୍ତି— **The concept of relation is the concept of communion or interaction.**

ମଣିଷକୁ ମଣିଷ ଚିହ୍ନିବା ବଡ଼ କଠିନ । ବଡ଼ ଗହନ ତତ୍ତ୍ୱ—ତଥାପି ବିଶ୍ୱାସରେ ଅଶେଷ, ଆନନ୍ଦ, ଆତ୍ମୋତ୍ସର୍ଗ ।

ଏହି ପ୍ରକୃତିକୁ ଚିହ୍ନିବା ସହଜ, କିନ୍ତୁ ମଣିଷକୁ ଚିହ୍ନିବା କଠିନ—ଏହି କଥା Kant କହନ୍ତି ।

କିନ୍ତୁ Hegel ଠିକ୍ ତାର ଓଲଟା କଥା କହନ୍ତି । ମଣିଷକୁ ଚିହ୍ନିବା ସହଜ ମାତ୍ର ପ୍ରକୃତିକୁ ଚିହ୍ନିବା ଅଧିକ କଠିନ । ମୋର ମତରେ ମଣିଷକୁ ଚିହ୍ନିବା ଅଧିକ କଠିନ । କାରଣ ମନୁଷ୍ୟ ପରିବର୍ତ୍ତିତ ହୁଏ—ପ୍ରକୃତି ପରିବର୍ତ୍ତିତ ହୁଏ ନାହିଁ । ତଥାପି ମଣିଷ ସହିତରେ ପରିଚୟ କରିବାର ଆନନ୍ଦ ପ୍ରକୃତିରେ ମିଳିବ ନାହିଁ । ଏହି ତ ଆନନ୍ଦ, ଏହି ତ ବିଜୟ, ଏହି ତ ଉଲ୍ଲାସ, ଏହି ତ ଶାଶ୍ୱତ, ସତ୍ୟ—ଏହି ତ ଚିରନ୍ତନ ବାଣୀ—ଏହି ତ—ଏହି ତ ।

Digitized by srujan ka@gmail.com

ରବିବାର ଚୌଦ୍ୱାର ଯାଉଛୁ—ଅଧ୍ୟାପକ ଶ୍ରୀ ପ୍ରଭାତ ମୁଖାର୍ଜି ଏବଂ ଶ୍ରୀ ସୁଧାକର ପଟ୍ଟନାୟକ, ଉତ୍କଳ ସାହିତ୍ୟ ସମାଜର ସମ୍ପାଦକ ମୋ ସହିତ ଯିବେ । ମୋର ପାଶ୍ ହୋଇଛୁ ।

ତୋର ଶୁଭ କାମନା କରି ରହିଲି——

ତୋର

ଶୁଭକାଙ୍କ୍ଷୀ

ଲି——

ଦେଉଳ ସାହି

୨୫।୮।୫୫

ସ୍ନେହର—

ମୁଁ କାଲି ଅଫିସ୍ ଯାଇଥିଲି । ମୋର **aboriginal songs** ସବୁ ଠିକ୍ କରି ଦେବା ପାଇଁ, ସନ୍ଧ୍ୟା ପର୍ଯ୍ୟନ୍ତ ରହିଲି । ସନ୍ଧ୍ୟାରେ ବର୍ଷା ହେବାରୁ ମୋର ଶ୍ୱାସ ବଢ଼ିଲା । ଘରକୁ ବହୁତ କଷ୍ଟରେ ରିକ୍ସାରେ ଆସିଲି । **Neo-Epinine** ଓ **Brovon** ଦ୍ୱାରା ଅଧ ଘଣ୍ଟାକ ପରେ ଟିକିଏ ଆଶ୍ୱସ୍ତି ଅନୁଭବ କଲି ।

ଆଜି **Everyman's Encyclopaedia** ପଢ଼ୁଥିଲି । ସେଥିରେ ଗୋଟିଏ ଜାଗାରେ ପଢ଼ୁ ପଢ଼ୁ ଦେଖିଲି ଯେ ବାପର ନାମ ଯାହା ପୁଅର ନାମ ସେଇଆ—ଏହା କପରି ହେଲା ବୁଝି ହେଉନ । **Oliver Wendell Holmes** (୧୮୦୯-୯୪) । ସେ ଥିଲେ ଆମେରିକାର **Poet** ଏବଂ **Essayist** । ସେ **M. D.** ମଧ୍ୟ ପାଶ୍ କରିଥିଲେ । ପୁଣି ହୋମିଓପାଥି ସମ୍ବନ୍ଧରେ ଅନେକ ପ୍ରବନ୍ଧ ଲେଖିଥିଲେ । ତାଙ୍କର ପୁଅ ସେହି ନାମଧାରୀ । **Oliver**

Digitized by srujan ka@gmail.com

Wendell Holmes (୧୮୪୧-୧୯୩୫) । ସେ ଆମେରିକା **Supreme Court**ରେ ଜଣେ **Associate Judge** ଥିଲେ ।

ଏଧରେ ବାପ ପୁଅର ଏକ ନାମ ଆଜି କେବେ କେଉଁଠି ମୁଁ ଦେଖି ନାହିଁ କମ୍ବା ଶୁଣି ନାହିଁ । ଏହା କପର ହେଲା ମୁଁ ଭାବୁଛି ।

କାଲି ବଡ଼ ଆଶା କରିଥିଲି ତୁମ ନିକଟରୁ ଚିଠି ପାଇବି-- ପାଇଲି ନାହିଁ । ଆଜି ଡାକ ଆସି ନାହିଁ—ହୁଏ ତ ଆଜି ତୋ ଚିଠି ପାଇବି ଆଶା କରେ । କଲ୍ୟାଣ ନେବୁ । ଇତି ।

ତୋର
ଚିର ଶୁଭାର୍ଥୀ
ଲକ୍ଷ୍ମୀନାରାୟଣ ସାହୁ

30, Chunapukur Lane
P. O. Bow Bazar,
Calcutta—12.

ସ୍ନେହର—

କଟକରୁ ମେଲ୍‌ରେ ଆସିଲି । ମେଲ୍ ଦୁଇ ଘଣ୍ଟା **late** ଥିଲା । କଲିକତାରେ ଆସି ଆଜି ଦିନ ଗୋଟାକରେ ପହଞ୍ଚିଲି । ମୋ ପରୀକ୍ଷା ଆରମ୍ଭ ନଭେମ୍ବର ୧୯ରେ । ପଢ଼ାପଢ଼ି କରୁଛି ।

ଆଜି ସକାଳେ ବସି ବସି ପଢ଼ୁଥିଲି ରାଧାକୃଷ୍ଣନ୍‌ଙ୍କ **An Idealist View of Life**—ସେଥିରେ ଗୋଟିଏ କଥା ପଡ଼ି ତୁମ ପାଖକୁ ଲେଖିବାକୁ ମନ ହେଲା ।

କଥାଟି ଏହି:—

Digitized by srujan ka@gmail.com

"Outward defeats and failure do not touch the inner meaning of life".

ତେବେ ପରୀକ୍ଷାରେ ପାଶ୍ ଫେଲ୍‌ରେ ଏତେ ଯାଏ ଆସେ ନାହିଁ । ସେଥିପ୍ରତି ଭ୍ରୂକ୍ଷେପ ନ କରି ଜ୍ଞାନ ଅର୍ଜନ କର—ସାହିତ୍ୟ ରଚନା କର—ପ୍ରବନ୍ଧ ଲେଖ—ଜୀବନର ଗଭୀର ପ୍ରଦେଶକୁ ଓହ୍ଲାଇବାକୁ ଚେଷ୍ଟା କର । ତା'ପରେ ସେଠୁ ଯାହା ପାଇବ ତାହା ସମସ୍ତଙ୍କ ପାଇଁ ବାଢ଼ିବାକୁ ଚେଷ୍ଟା କର । ଏହାହିଁ ତ ମହାପ୍ରାଣତା । ଏହାହିଁ ତ ଜୀବନର ମଧୁ । ଏହାହିଁ ତ ଜୀବନର ଗଭୀରତମ ଅଭିଜ୍ଞତା । ଏହାହିଁ ତ ସ୍ୱର୍ଗ । ଏହାହିଁ ତ ଭାବ ରାଜ୍ୟର ଅବସ୍ଥାନ । ଏହିଠାରେ ତ ଆମେ ଜୀବନର ସନ୍ଧାନ ପାଉଁ ।

ଆଶାକରେ ଭଲ ଥିବୁ—ଚିଠି ଦେବୁ । ଇତି ।

ତୋର
ସ୍ନେହାକାଙ୍କ୍ଷୀ—
ଲ——

**30, Chunapukur Lane,
P. O. Bow Bazar,
Calcutta—12
20-11-53.**

ସ୍ନେହର—

ତୋ ଚିଠି ପାଇଲି—ମୋତେ ଜ୍ୱର ହେଲା ୨ ଦିନ । ସେଥିରେ ଶ୍ୱାସ, କାଶ । କେତେବେଳେ ଯେ ହଲିଯିବ ଜଣା ନାହିଁ । କାଲି ପରୀକ୍ଷା ଆରମ୍ଭ ହେଲା । ଗୋଟିଏ Paper ଗଲା । ଆଜି ଛୁଟି

Digitized by srujan ka@gmail.com

ଅଛି । ଆଜି ୧୦ ଦିନ ଗଲେ ମୋ ପରୀକ୍ଷା ସରିବ । ତା'ପରେ କଟକ ଯିବ। ମୋର ସ୍ନେହ ଜାଣିବ । ଇତି ।

ତୋର—
ସ୍ନେହର
ଲ——

Life ! It is cut off.
We are born, the full view
we do not get,
But we, we shall always have
to attempt.
Thus tho' Reality recedes like
the horizon
Yet the pursuit is good,
we feel the blazon
Tho' we may not finally
fully grasp it,
Yet ever be on and on.

—x—

Digitized by srujan ka@gmail.com

Opinions

'The Prabhat' (*Weekly*) (Kannada) Vol. XXI, No. 10 dated 10-4-1955 writes :—

Songs on the Hills : Author and Publisher—**Sri Lakkshminarayan Sahu,** M.A., Deulsahi. Cuttack—1. P R

The author is a member of the Servants of India Society and a Social Worker of All India repute, in Orissa. He is a versatile poet in English and is acquainted with the folklore and folksongs of Orissa and adjoining country. He has rendered for the benefit of English-knowing public faithful translations of folksongs in chaste, lucid and simple style. His zeal and ease are remarkable and are a marvel to behold. His subjects are varied, Santali Song, Karama Songs, Munda Songs, Ganjam Songs, Ho Songs & c. &c. Best of them are the youthful girl's song, marriage song, Pandavas Song, Buffalo killing song and Koythu Pattu. Translations are superb; the spirit

Digitized by srujan ka@gmail.com

of the original with regard to fragrance and odour is maintained, nay, even heightened. These have a universal appeal, realistic and elevating. The author has written other works too—"Springs of the Soul" and "Fountains". One who reads these poems is bound to take life full of struggle and disappointment with cheer for the choice of words is chaste and polished.

The author displays tremendous ingeniousness and gift throughont and has enriched the cultural heritage of India by timely publication. We wish him success; we recommend the work confidently to all lovers of poetry and folklore and folk-songs.

M. R. Bhat.

Digitized by srujan ka@gmail.com

Opinions

Sri L. N. Sahu, M. A., a Member of the Servants of India Society needs no introduction.

Sri Sahu by his personal contact with the hill tribes of India has known them intimately. He has given us the rendering of their songs in English through a booklet —"Springs of the Soul" or "Songs of Hill Tribes". A variety of subjects has been selected to just give us a glimpse of the customs, manners, beliefs and their joys. The simple language adds to the simplicity and beauty of the original poems. Bigger volumes dealing separately with different tribes would be appreciated and bring us closer.

Digitized by srujan ka@gmail.com

"SONGS ON THE HILLS"

Sri Sahu has depicted their epicurean life of eat, drink and be merry. Theirs is a simple and natural life in natural setting, full of vigour, love and music. The style is lucid and the subjects varied. An effort has been made to bridge the gulf and portray them in their natural colours as intensely human.

"THE FOUNTAINS"

In his Poems entitled, "The Fountains" he has treated a variety of subjects with a keen in-sight and understanding. The physical as well as the spiritual love and longing is visible throughout his poetry in an up-surge of emotion. He has tried to give vent to his desires, loves, joys and sorrows. His poetry is interesting and inspiring.

K. A. ISRANI,
B. A.; S. T. C.; B. T.
Head Master,
O. P. M. High School,
Brajarajnagar.

Dated 28/3/55.

Digitized by srujan ka@gmail.com

ଲେଖକଙ୍କର ଅନ୍ୟାନ୍ୟ ବହି

ଗୁପ୍ତବିଦ୍ୟା, ରାମଚନ୍ଦ୍ର ମୁକ୍ତ୍ୟାରଙ୍କ ଜୀବନୀ, ମଧୁବୈଶ୍ୟ, ଅଜ୍ଞାତବାସ ଓ ନାରୀର ଅବମାନନା, ଶ୍ୟାମମୋହନ, ମୁଁ ମୋର କାଳ, ଗୁରୁଗୋବିନ୍ଦ ସିଂହ, ମଧୁରେଖା (କବିତା), ବେଶ୍ୟା, ଜୀବନ ଓ ଜୀବନୀ, ପ୍ରତିବିମ୍ବ, ନାରୀ କବି ମାଧବୀ, ବେଳାସ୍ପ ମଜା, ସ୍ତ୍ରୀ ଶିକ୍ଷା, ନାରୀ ଶକ୍ତି, ସାନ୍ତ୍ୱନା, ଓଡ଼ିଶା ଗଡ଼ଜାତ, ଶ୍ରୀନିବାସ ଶାସ୍ତ୍ରୀ, ଗୋଖଲେ, ତିଳକ, ଗାନ୍ଧି, ତୂଳପତ୍ର (କବିତା), ମୋ ଜୀବନ କଥା, ଅରୁଣା (କବିତା), ଭାରତ ସେବକ ସମିତି, ଶକୁନ୍ତଳା (ଏକାଙ୍କ ନାଟକ), ବାବା, ମା, ସ୍ୱଦେଶୀ ଆନ୍ଦୋଳନ, ଆମ ବୋମ୍ବାଇ, ଅସ୍ପୃଶ୍ୟତା ଅଶ୍ଳୀଳତା, ପ୍ରବାସୀ (କବିତା). ଜୀବନକଥା, ମୋହନ (କବିତା) ଆଶୀର୍ବାଦ (କବିତା), ରଣ (କବିତା), ଦଣ୍ଡନାଟ (ପ୍ରହସନ) ଚୀନଦେଶର କଥା, ଗନ୍ଧର୍ବିକା ଦେଉଳ (ଆଦିବାସୀ ଗୀତ), ଚୌଦ୍ୱାର ଗ୍ରାମ ସଂଗଠନ ସମ୍ମିଳନୀ, ଧୂଳି, କଳିଙ୍ଗକୁମାରୀ (କାଦମ୍ବରୀ), କନକବର୍ଦ୍ଧନ, କଳା, ସଭାପତି ଅଭିଭାଷଣ (ସୁରେନ୍ଦ୍ରନାଥ ବାନାର୍ଜିଙ୍କର), ଶିକ୍ଷା, ସାଦେ, ସ୍ମୃତିବାଣୀ, ଶଠ, କବିତା ମଞ୍ଜୁଷା, ଜୟନ୍ତୀ, ଶ୍ୱାସ, ଦୟାନନ୍ଦ, ଦେବକନ୍ୟା ।

Hill Tribes of Jeypore, Prohibition, Springs of the Soul (Aboriginal songs in English translation), Fountains (poetry), From within (poetry) Orissa in 1942-44, Orissa, History of Orissa, Induma, Poesy, Konark, From within, Songs on the Hills.

ଛଅଣା

Digitized by srujan ka@gmail.com